ଶନିବାର, ୬ ଏପ୍ରିଲ, ୨୦୨୪

# ପିଲାଙ୍କ ଧରିତ୍ରୀ



# ଯେମିତି କାମ ସେମିତି ଫଳ



## ଗପ

ଗଙ୍ଗାଧର ଗାଁ ସରପଞ୍ଚଙ୍କ ପୁଅ। ପାଠଶାଠ ସବୁଥିରେ ଧୁରନ୍ଧର। ହେଲେ ଦୁଷ୍ଟ ସ୍ୱଭାବର। ସହପାଠୀଙ୍କୁ ଅସୁବିଧାରେ ପକାଇ ମଜାନିଏ। ଗଙ୍ଗାଧରର ସବୁ କଥା ଶିକ୍ଷକ ଜାଣନ୍ତି। ହେଲେ ମେଧାବୀ ଛାତ୍ର ହୋଇଥିବାରୁ ଦୁଷ୍ଟାମିକୁ ଅଣଦେଖା କରି ଦିଅନ୍ତି। ଫଳରେ ଦିନକୁ ଦିନ ସେ ଅଧିକ ଦୁଷ୍ଟ ହେବାକୁ ଲାଗିଲା। ଥରେ ଦିବ୍ୟାଂଗ ସହପାଠୀ ରାଘବକୁ ଅସୁବିଧାରେ ପକାଇବା ପାଇଁ ତା'ର ଆଶାବାଡ଼ିକୁ ଲୁଚାଇଦେଲା। ସେଦିନ ବହୁ କଷ୍ଟରେ ଛୋଟେଇ ଛୋଟେଇ ଘରକୁ ଗଲା ରାଘବ।

ରାଘବର ଏହି ଅବସ୍ଥା ଦେଖି ତାଙ୍କ ବାପା ମନଦୁଃଖ କଲେ। ପାଖ ପଡ଼ୋଶୀ ସରପଞ୍ଚ ବାବୁଙ୍କ ପାଖରେ ଅଭିଯୋଗ କରିବାକୁ ପରାମର୍ଶ ଦେଲେ। ହେଲେ ଅଭିଯୋଗ କରିବାକୁ ରାଜି ହେଲେନି ରାଘବର ବାପା। ତେଣୁ ସବୁ କଥାକୁ ଭୁଲି ରାଘବ ପାଇଁ ଆଉ ଏକ ଆଶାବାଡ଼ି ପ୍ରସ୍ତୁତ କରିଦେଲେ। ରାଘବ ବି ପୁରୁଣା କଥା ନ ଧରି ପାଠପଢ଼ାରେ ମନ ଦେଲା। ରାଘବ, ଗଙ୍ଗାଧର ଭଳି ଭଲ ପାଠ ପଢ଼େନି କିନ୍ତୁ ଗୁଣ ଓ ଆଚରଣରେ ସେ ବହୁତ ଭଲ ପିଲା। ସ୍କୁଲର ସବୁ ଶିକ୍ଷକ ଓ ଛାତ୍ରୀଛାତ୍ର ତାକୁ ଭଲ ପାଆନ୍ତି। ସେଥିପାଇଁ ଗଙ୍ଗାଧର ରାଘବକୁ ଭାରି ଈର୍ଷା କରେ।

କିଛିଦିନ ପରେ ସ୍କୁଲ ଘର ସଫେଇ ସମୟରେ ଆଶାବାଡ଼ିଟି ବାହାରିଲା। ପ୍ରଧାନଶିକ୍ଷକ ନିଶ୍ଚିତ ହୋଇଗଲେ ଏହି କାମ ଗଙ୍ଗାଧରର ହୋଇଥିବ। ହେଲେ ଗଙ୍ଗାଧରକୁ ରାଗିବା ବଦଳରେ ଉଚିତ ଶିକ୍ଷାଟିଏ ଦେବା ପାଇଁ ନିଷ୍ପତ୍ତି ନେଲେ। ସମସ୍ତଙ୍କୁ ଏକାଠି ଡାକି କହିଲେ, ଛୋଟିଆ ଗପଟିଏ କହିବି। ଏହାପରେ ସେ ଗପ କହିବା ଆରମ୍ଭ କଲେ।

ଗୋଟିଏ ଗାଈ ଥିଲା, ଆଉ ଗୋଟିଏ ସାପ ଥିଲା। ଉଭୟେ ଗୋଟିଏ ବାଡିରେ ରହୁଥିଲେ। ହେଲେ ପରସ୍ପରର ଆଚରଣ, ସ୍ୱଭାବ ଓ ବ୍ୟବହାରରେ ବହୁତ ଭିନ୍ନ ଥିଲେ। ଗାଈ ଘାସ ଖାଇଲେ ବି କ୍ଷୀର ଦିଏ। ଆଉ ସାପ କ୍ଷୀର ଖାଇ ବି ବିଷ ଓଗାଳେ। ଉଭୟଙ୍କ ଖାଦ୍ୟ ଓ ରହଣି ପାଇଁ ଏହି ପାର୍ଥକ୍ୟ ନ ଥିଲା। ବରଂ ସେମାନଙ୍କ ଆଚରଣ ଓ ବ୍ୟବହାର ପାଇଁ ଜଣେ ପ୍ରିୟ ହୋଇପାରିଛି, ଆଉ ଜଣଙ୍କୁ ଲୋକେ ଭୟ କରନ୍ତି। ତେବେ ତୁମମାନଙ୍କ ଆଚରଣ କେମିତି ହେବ, ତାହା ହିଁ ନିଷ୍ପତ୍ତି କରେ ତୁମେ ସମସ୍ତଙ୍କର ପ୍ରିୟ ହେବ ନା ଅପ୍ରିୟ। ପ୍ରଧାନଶିକ୍ଷକ ପ୍ରଶ୍ନ କଲେ, ତୁମେ କେମିତି ହେବ ? ସମସ୍ତ ଛାତ୍ରୀଛାତ୍ର ଜୋର ପାଟିରେ କହିଲେ, ଆମେ ସମସ୍ତଙ୍କର ପ୍ରିୟ ହେବୁ। କାହାକୁ ଅପମାନିତ ନ କରି, କାହାରିକୁ ଶାସ୍ତି ନ ଦେଇ ପ୍ରଧାନଶିକ୍ଷକ ଯେଉଁ ବାର୍ତ୍ତାଟି ଦେଲେ ଗଙ୍ଗାଧର ଠିକ୍ ବୁଝିପାରିଲା। ସେହି ଦିନଠୁ ସମସ୍ତଙ୍କ ପ୍ରତି ଭଲ ବ୍ୟବହାର କରିବାକୁ ନିଷ୍ପତ୍ତି ନେଲା ସେ। ଧିରେ ଧିରେ ସେ ମଧ୍ୟ ସମସ୍ତଙ୍କର ପ୍ରିୟ ହୋଇପାରିଲା।

**– ପ୍ରତ୍ୟୁଷ କୁମାର ସା**
ଗ୍ୟାରେଜ୍ ଛକ, ଭୁବନେଶ୍ୱର
ମୋ: ୯୪୩୭୩୬୬୯୮୪

## ଖିଲି ଖିଲି ହସ

ରାଜୁ ଡ୍ରେସ ଦୋକାନକୁ ଯାଇ କହିଲା – ଭାଇ ଶାର୍ଟ ପାଇଁ ଭଲ କପଡା ଦେଖାଅ।
ସେଲ୍ସମ୍ୟାନ୍: ପ୍ଲେନ୍ ଉପରେ ଦେଖାଇବି ।
ରାଜୁ: ନା ତୁ ହେଲିକପ୍ଟର କି ପ୍ଲେନ୍ ଉପରେ ନୁହେଁ ...ମୋତେ କପଡା ଏଇଠି ଦେଖା ।

ମିକୁ: ଆଜି ଜାଣିଲୁ ସାଙ୍ଗ ମୁଁ ପାଣିକୁ ବୋକା ବନାଇ ଦେଲି
ଚିକୁ: କେମିତି ?
ମିକୁ: ମୁଁ ସକାଳେ ପାଣି ଗରମ କଲି ଗାଧେଇବି ବୋଲି ହେଲେ ଗାଧେଇଲିନି ।

ପପୁ ଥରେ ପିଜୁଳି କିଣିଲା ପରେ ସେଥିରୁ ପୋକ ବାହାରିଲା। ସେ ଦୋକାନୀ ପାଖକୁ ଯାଇ କହିଲା ଏଥିରୁ ତ ପୋକ ବାହାରିଲା।
ଦୋକାନୀ: ଏହା ତ ଭାଗ୍ୟର ଖେଳ, କିଏ କହିପାରିବ ନେକ୍ସଟ ଥର ହୁଏତ ମୋଟର ସାଇକେଲ ମିଳିଯାଇପାରେ !
ପପୁ: ହଉ ଭାଇନା ମୋତେ ଆଉ ଦଶ କିଲୋ ପିଜୁଳି ଦେଇଦିଅ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ମତାମତ

▶▶ ଖିଲିଖିଲି ହସରେ ପ୍ରକାଶିତ ହସକଥା ପଢ଼ିବାକୁ ଭଲ ଲାଗୁଛି।

**–ମାନସ ଖିଲାର, ବୈପାରୀଗୁଡା,କୋରାପୁଟ**

▶▶ ଜଣା ଅଜଣା ପୃଷ୍ଠାରେ ପ୍ରାଣୀ ଏବଂ ବିଭିନ୍ନ ବିଷୟକୁ ନେଇ ଉପସ୍ଥାପନା ବହୁତ ଭଲ ହେଉଛି।

**–ମିତାଲି ରାଉତ, କେଶୁରା, ଭୁବନେଶ୍ୱର**

▶▶ ଆଇନା ପୃଷ୍ଠାରେ ପ୍ରକାଶିତ ମଡେଲମାନଙ୍କ ଫଟୋ ବେଶ୍ ସୁନ୍ଦର ଦେଖାଯାଉଛି।

**–ରଞ୍ଜନ ମହାନ୍ତି, ରାଜକନିକା,କେନ୍ଦ୍ରାପଡ଼ା**

▶▶ କହିଲଦେଖି ସ୍ତମ୍ଭଟି ପଢିବାକୁ ଭାରି ମଜା ଲାଗୁଛି।

**–ରାକେଶ ନାୟକ, ଯାଜପୁର ଟାଉନ୍, ଯାଜପୁର**

## ରଙ୍ଗ ଦିଅ



# ଲବଙ୍ଗ

**ଦେଖିବାକୁ ଖୁବ୍ ଛୋଟ ହୋଇଥିଲେ ବି ଲବଙ୍ଗର ବହୁ ଉପକାରିତା ରହିଛି।**

✪ ଥଣ୍ଡା କାଶ ଏମିତିକି କ୍ୟାନସର ଚିକିତ୍ସାରେ ମଧ୍ୟ ଲବଙ୍ଗ ବ୍ୟବହାର କରାଯାଇପାରିବ।

✪ ଆର୍ୟୁବେଦିକ୍, ହୋମିଓପାଥି ଓ ଏଲୋପାଥି ଚିକିତ୍ସାରେ ଏହାର ବ୍ୟବହାର ହୋଇଥାଏ।

✪ ମସଲାଭାବରେ ଏହାକୁ ବ୍ୟବହାର କରାଯାଏ। ଏଥିରେ ପ୍ରୋଟିନ୍, ଆଇରନ୍, କାର୍ବୋହାଇଡ୍ରେଟ୍ସ, କ୍ୟାଲସିୟମ୍, ଫସଫରସ୍, ପୋଟାସିୟମ୍, ସୋଡିୟମ୍ ଓ ହାଇଡ୍ରୋକ୍ଲୋରିକ୍ ଏସିଡ୍ ରହିଛି। ଭିଟାମିନ୍ ଏ, ଭିଟାମିନ୍ ସି, ମାଙ୍ଗାନିଜ୍ ଏବଂ ଫାଇବର ମଧ୍ୟ ରହିଛି।

✪ ଲବଙ୍ଗ ଏକ ନାଚୁରାଲ୍ ପେନ୍‌କିଲର ଭଳି। ଏହାର ତେଲ ଦାନ୍ତ ଦରଜ ସମସ୍ୟା ଅନେକାଂଶରେ ଭଲ କରିଥାଏ। ଏଥିରେ ଆଣ୍ଟି ବ୍ୟାକ୍ଟେରିଆ ଗୁଣ ଥିବାରୁ ବିଭିନ୍ନ ଟୁଥପେଷ୍ଟ, ମାଉଥ୍ ୱାଶ୍ ଓ କ୍ରିମ୍‌ରେ ମଧ୍ୟ ବ୍ୟବହାର କରାଯାଏ।

✪ ଆଣ୍ଠୁଗଣ୍ଠି ଦରଜରୁ ମୁକ୍ତି ପାଇବା ପାଇଁ ଏହାର ତେଲକୁ ବ୍ୟବହାର କରାଯାଏ।

✪ ବିଭିନ୍ନ ପ୍ରକାରର ଫଙ୍ଗାଲ ଇନଫେକସନ୍ ତଥା ତ୍ୱଚା ସମସ୍ୟାରୁ ଆରାମ ନିମନ୍ତେ ଏହା ଅତ୍ୟନ୍ତ ଫଳପ୍ରଦ।

✪ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ରକ୍ତ ପରିଷ୍କାର କରିବା ଏବଂ ମ୍ୟାଲେରିଆ, ହଇଜା ଭଳି ରୋଗକୁ ମଧ୍ୟ ଭଲ କରିବାର କ୍ଷମତା ଏଥିରେ ରହିଛି।



## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୂରା ନାମ, ବୟସ, ଠିକଣା ଏବଂ ତୁମ ତୁଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ପରୀକ୍ଷା ପରେ..

**ସରିଛି ପରୀକ୍ଷା। ସ୍କୁଲ ଖୋଲିଛି। ଆରମ୍ଭ ହେବାକୁ ଯାଉଛି ନୂଆ ଏକ ପାଠ୍ୟକ୍ରମ। ଯା ଭିତରେ ପିଲାଙ୍କ ଉପରେ ଏବେ ନା ଅଛି ପାଠର ବୋଝ ନା ହୋମୱର୍କର ଚିନ୍ତା। ହେଲେ ଏହି ସମୟରେ ଏମିତି କିଛି କାମ କରନ୍ତୁ ଯାହା ଖେଳିବା ଭଳି ମଜା ଦେବା ସହିତ ଶିକ୍ଷଣୀୟ ହୋଇପାରିବ।**



ପରୀକ୍ଷା ସରିଥିବାରୁ ପିଲାମାନେ ଏବେ ବେଶ୍ ଖୁସିରେ ସମୟ କଟାଉଛନ୍ତି। ନିଜ ଇଚ୍ଛାରେ ଖେଳାବୁଲା ସାଙ୍ଗକୁ ଟିଭି ଦେଖା ସବୁକିଛି କରୁଛନ୍ତି। ସ୍କୁଲ ଯଦିଓ ଖୋଲିଛି କିନ୍ତୁ ସେଭଳି ବିଧିବଦ୍ଧ ପାଠପଢା ଆରମ୍ଭ ହୋଇନି। କେଉଁଠି କମ୍ ସମୟ ପାଇଁ ସ୍କୁଲ ଖୋଲୁଛି ତ କେଉଁଠି ପିଲାଙ୍କୁ ସବୁ ବିଷୟରେ ନୂଆ ବହି ଓ ସିଲାବସ୍ ମିଳିନି। ପିଲାଙ୍କ ପାଇଁ ଏହି ସମୟ ବେଶ୍ ଉତ୍ସାହପୂର୍ଣ୍ଣ। ତେଣୁ ଏହି ସମୟରେ ସେମାନେ କିଛି ନୂଆ କାମ କରିବା ପାଇଁ ଢେର୍ ସମୟ ପାଇପାରିବେ। ଏବେ କିଭଳିଭାବେ ସମୟ କଟାଇଲେ ସେମାନଙ୍କୁ ଉଭୟ ଖେଳ ଓ ଶିଖିବାର ସୁଯୋଗ ମିଳିପାରିବ ସେନେଇ ଜାଣି ରଖନ୍ତୁ କିଛି ଟିପ୍ସ।

## ହବି ପାଇଁ ସମୟ

ପାଠ ପଢାର ବୋଝ ଅଧିକ ନ ଥିବାରୁ ଏବେ ପିଲାମାନେ ନିଜ ହବି ପାଇଁ ଖୁବ୍ ସମୟ ଦେଇପାରିବେ। କାରଣ ସ୍କୁଲ ପିଲାଙ୍କ ପାଇଁ ଏହା ହିଁ ପ୍ରକୃଷ୍ଟ ସମୟ। କାରଣ ଏବେ ସ୍କୁଲ ଖୋଲିଥିଲେ ବି ପାଠ ପଢା ଆରମ୍ଭ ହୋଇନାହିଁ। ଏହାପରେ ଗ୍ରୀଷ୍ମ ଛୁଟି ମଧ୍ୟ ଢେର୍ ଦିନ ରହିବ। ତେଣୁ ଯେକେହି ବି ନିଜ ହବି ନିମନ୍ତେ ଖୁବ୍ ସମୟ ପାଇପାରିବେ। ସେ ପେଣ୍ଟିଂ କରିବା ହେଉ କି ଡ୍ୟାନ୍ସ କରିବା ଅବା କରାଟେ ଶିଖିବା ଏମିତି ଯାହା କିଛି କରିବାକୁ ଇଚ୍ଛା ପିଲାମାନେ ସେଥିପାଇଁ ସମୟ ଦିଅନ୍ତୁ। ଏହା ଦ୍ୱାରା ସେମାନେ ନିଜ ହବି ଅନୁସାରେ କାମ କରି ଖୁସି ହେବା ସହିତ ନୂଆ କିଛି କରିବାର ସୁଯୋଗ ପାଇପାରିବେ। ଏସବୁ କାମ ସେମାନଙ୍କୁ ଭବିଷ୍ୟତରେ ନୂଆ ରାହା ଦେଖାଇବାରେ ବି ସହାୟକ ହୋଇପାରିବ।

## ସ୍କିଲ୍ ଡେଭଲପ୍

ବେଳେବେଳେ ପିଲାମାନେ ଜାଣି ନ ଥାନ୍ତି ଯେ ସେମାନେ କେଉଁ ସବୁ କ୍ଷେତ୍ରରେ ଭଲ କାମ କରିପାରିବେ। କିନ୍ତୁ ଘରେ କିମ୍ବା ସେମାନଙ୍କ ବନ୍ଧୁମାନେ ସେମାନଙ୍କ ଦକ୍ଷତାକୁ ଚିହ୍ନି ପାରିଥାନ୍ତି। ସେଭଳି କ୍ଷେତ୍ରରେ ଗୁରୁଜନଙ୍କ ସହ ପିଲାମାନେ ପରାମର୍ଶ କରନ୍ତୁ। ନିଜର ହବି ବ୍ୟତୀତ ଅନ୍ୟ କିଛି କ୍ଷେତ୍ରରେ ମଧ୍ୟ କାମ କରିବା ପାଇଁ ଚେଷ୍ଟା କରନ୍ତୁ। ଏଥିପାଇଁ କୌଣସି ସ୍ଥାନରୁ ଯଦି ସ୍ୱତନ୍ତ୍ର ଶିକ୍ଷା ନେବାକୁ ପଡେ କିମ୍ବା କୌଣସି ବ୍ୟକ୍ତିଙ୍କ ସାହାଯ୍ୟ ନେବାକୁ ହୁଏ ତେବେ ମାତାପିତାଙ୍କୁ କହି ସେନେଇ ପଦକ୍ଷେପ ନିଅନ୍ତୁ।

## ପ୍ରକୃତି ସହ ସମୟ ବିତାନ୍ତୁ

ପ୍ରକୃତି ସହିତ କିଛି ସମୟ କଟାଇବା ହୁଏତ ଏକ ସାଧାରଣ କଥା ମନେହୋଇପାରେ, କିନ୍ତୁ ପିଲାଙ୍କର ସର୍ବାଙ୍ଗୀନ ବିକାଶରେ ଏହା ଢେର୍ ପ୍ରଭାବ ପକାଇଥାଏ। ତେଣୁ ଏହି ସମୟରେ ପିଲାମାନେ ପ୍ରକୃତି ପାଇଁ କିଛି ସମୟ ଦିଅନ୍ତୁ। ନିଜ ଘରେ ଥିବା ଗଛର ଯତ୍ନ ନିଅନ୍ତୁ ଏବଂ ଅନ୍ୟ ନୂଆ ଗଛ ଲଗାଇ ତା'ର ଯତ୍ନ ନିଅନ୍ତୁ। ସ୍କୁଲ ଯିବା ସମୟରେ ଏହି ସବୁ କାମ ପାଇଁ ପିଲାଙ୍କ ପାଖରେ ସମୟ ନ ଥାଏ। ତେଣୁ ଏବେ ଯଥାସମ୍ଭବ ପ୍ରକୃତି ସହ ସମୟ କଟାନ୍ତୁ। ଦିନରେ ସୂର୍ଯ୍ୟୋଦୟ ଦେଖିବା, ବିଭିନ୍ନ ପ୍ରକାରର ଗଛ ଓ ସେସବୁର ଉପକାରିତା ସମ୍ପର୍କରେ ଜାଣିବା ଏବଂ ରାତିରେ ମଧ୍ୟ ଖୋଲା ଆକାଶ ତଳେ କିଛି ସମୟ ରହି ପ୍ରକୃତିର ବିଭିନ୍ନ ଦୃଶ୍ୟ ଦେଖିବା ଫଳରେ ମନରେ ନୂଆ ପ୍ରରଣା ସୃଷ୍ଟି ହେବ। ପ୍ରକୃତିର ବିଭିନ୍ନ ଦୃଶ୍ୟ ସହିତ ଗଛଲତା ଏବଂ ପ୍ରାଣୀ ତଥା ପକ୍ଷୀମାନଙ୍କ ସମ୍ପର୍କରେ ପିଲାଙ୍କର ଜ୍ଞାନ ବୃଦ୍ଧି ହୋଇପାରିବ।

## ମନକଥା ଖୋଲି କୁହନ୍ତୁ

କିଛି ପିଲା ଲାଜକୁଳା ସ୍ୱଭାବର ହୋଇଥିବାରୁ ମନଖୋଲି ନିଜର ଇଚ୍ଛା କିମ୍ବା କୌଣସି ଆଶା ଆକାଂକ୍ଷା ନେଇ କିଛି କହିପାରନ୍ତି ନାହିଁ। ମାତ୍ର ଦୃଢଭାବରେ ସବୁ ସମୟରେ ସମସ୍ତଙ୍କ ଆଗରେ ସ୍ପଷ୍ଟଭାବେ କହିବା ପାଇଁ ଏବେ ଘରେ ଅଭ୍ୟାସ କରନ୍ତୁ। ପିଲାଙ୍କ ମନରେ ବହୁତ କିଛି କରିବା ପାଇଁ ଇଚ୍ଛା ଥାଏ ଯାହା ସେମାନେ ଏହି ସମୟରେ କରିବାର ଢେର୍ ଅବସର ପାଇପାରିବେ। ତେଣୁ ପ୍ରଥମେ ପରିବାର ଲୋକଙ୍କ ପାଖରେ ନିଜ କଥା କହିବାର ସାହସ କରିବା ଦରକାର।

## ଅନଲାଇନ୍‌ରେ ପଢ଼ା

ପିଲାମାନେ ଏହି ସମୟରେ ନୂଆ ପାଠ୍ୟକ୍ରମରେ ନାମ ଲେଖାଇ ପାରିବେ। ଆଜିକାଲି ଅନ୍‌ଲାଇନ୍ ମାଧ୍ୟମରେ ପିଲାଙ୍କ ପାଇଁ ବିଭିନ୍ନ ପ୍ରକାର କ୍ଲାସ କରିବାର ସୁଯୋଗ ରହିଛି। ତେଣୁ ନୂଆ କଥା ଶିଖିବା ପାଇଁ ଏହା ହିଁ ପ୍ରକୃଷ୍ଟ ସମୟ।





## ଏମାନେ କ'ଣ କରନ୍ତି

### ଗାଁରେ ରହୁଛି



ପରୀକ୍ଷା ସରିବା ପରେ ଗାଁ କୁ ଯାଇଥିଲି। ଏବେ ସ୍କୁଲ ଖୋଲିବ, ଆଉ ନୂଆ ସିଲାବସ୍ ଦିଆଯିବ ବୋଲି ପୁଣି ଆସିଛି। ଯଦି କ୍ଲାସ ନ ହେବ ପୁଣି ଥରେ ଗାଁକୁ ଯିବି। ସେଠି ଆମ ବାଡିରେ ବିଭିନ୍ନ ପ୍ରକାର ପନିପରିବା ଚାଷ ହେଇଛି ଏବଂ ତିନୋଟି ଗାଈ ଅଛନ୍ତି। ସବୁବର୍ଷ ଭଳି ଏବର୍ଷ ଛୁଟିରେ ମୁଁ ସେଠି ରହିବି। ସବୁଦିନ ଗଛରେ ପାଣିଦେବା, ପନିପରିବା ତୋଳି ଘରକୁ ଆଣିବା ଓ ଗାଈକାମରେ କିଛି ସାହାଯ୍ୟ କରିବାକୁ ମତେ ଭଲଲାଗେ। ଗାଁ ବାଡିରେ ବହୁତ ଗଛ ଲଗେଇଛି। ସେଠି ସମୟ କାଟିବାକୁ ଭଲ ଲାଗୁଛି। କହିବାକୁ ଗଲେ ଗାଁରେ ରହିବା ହିଁ ଛୁଟି କଟେଇବାର ଉପଯୁକ୍ତ ସମୟ। ସାଙ୍ଗମାନଙ୍କ ସହ ଆମ୍ବତୋଳିବା, ମନ୍ଦିର ପାଖରେ ଖେଳିବାକୁ ବି ବହୁତ ମଜା ଲାଗୁଛି।

**–ତନ୍ମୟ ପଣ୍ଡା,** କ୍ଲାସ– ୮, ଏଲ୍ ଆର୍ ଡିଏଭି ପବ୍ଲିକ ସ୍କୁଲ, ଗଣ୍ଡରପୁର, କଟକ

### ମାମାଙ୍କୁ ସାହାଯ୍ୟ କରୁଛି



ଏବେ ଘରେ ସିଲାବସ୍ ଅନୁସାରେ ପାଠ ପଢୁନି ସତ ହେଲେ ଆମ ଘରେ ଥିବା ବିଭିନ୍ନ ପ୍ରକାର ଗପ ବହି ପଢୁଛି। ମାମା ବେଳେବେଳେ ବ୍ୟାକରଣ, ଗଣିତ ଏବଂ ଅନ୍ୟ ପାଠ ପଢିବାକୁ ଦେଉଛନ୍ତି। ଏସବୁ ବ୍ୟତୀତ ମାମାଙ୍କୁ ଘରକାମରେ ସାହାଯ୍ୟ କରିବାକୁ ଆମ ସ୍କୁଲରେ ସାର୍ କହିଛନ୍ତି। ସେଥିପାଇଁ ଏବେ ମାମା ପାଖରେ ରହି ରୋଷେଇ ସମୟରେ ସାହାଯ୍ୟ କରୁଛି ଆଉ ଘର ସଜାଡିବା ତଥା ସର୍‌ବତ୍ କରିବା କିମ୍ବା ଲୁଗା ଶୁଖାଇବା ଭଳି ବିଭିନ୍ନ କାମ ବି କରୁଛି।

**–ପ୍ରୀତିପ୍ରଜ୍ଞା ଜେନା,** କ୍ଲାସ–୬, ଷ୍ଟିୱାର୍ଟ ସ୍କୁଲ, ୟୁନିଟ–୮, ଭୁବନେଶ୍ୱର




୧





୨



୩




୫




୭



୪



୬



୮



ଦିବ୍ୟାଂଶୀ ଦେବିଦର୍ଶୀ
କ୍ଲାସ- ୭, ସେଣ୍ଟ ଆର୍ନୋଲ୍ଡସ ହାୟର ସେକଣ୍ଡାରୀ ସ୍କୁଲ, କଳିଙ୍ଗବିହାର, ଭୁବନେଶ୍ୱର

୧

ହୃଦୟାଂଶୁ ଦାଶ
କ୍ଲାସ-୭, ଡିଏଭି ପବ୍ଲିକ ସ୍କୁଲ, ସିଡିଏ, କଟକ



୨



ଅନିକେତ୍ ପଟେଲ
କ୍ଲାସ-୫, ସରକାରୀ ପ୍ରାଥମିକ ବିଦ୍ୟାଳୟ, ମହଦା, ବରଗଡ଼

୩

ସାନ୍ୱି ଶନାୟା ସା
କ୍ଲାସ- ୨, ବିଜେଇଏମ୍ ସ୍କୁଲ, ଭୁବନେଶ୍ୱର



୪



ତ୍ରିଶା ମିଶ୍ର
କ୍ଲାସ-୫, ଡିଏଭି ପବ୍ଲିକ ସ୍କୁଲ, ରାଜାବଗିଚା, କଟକ

୫

ସରବଜିତ୍ ମହାନ୍ତି
କ୍ଲାସ- ୫, ନିୟୁ ଷ୍ଟୁଆର୍ଟ ସ୍କୁଲ, ମିଶନ୍ ରୋଡ୍ କଟକ



୬



ମୋନାଲିନୀ ବେହେରା
କ୍ଲାସ- ୨, ମୋନାଲିସା ଇଂଲିଶ ମିଡିୟମ୍ ସ୍କୁଲ, ଖୋର୍ଦ୍ଧା

୭

ଅଭିଲିପ୍ସା ରାଉତ
କ୍ଲାସ- ୧୦, ରଘୁନାଥ ଉଚ୍ଚ ବିଦ୍ୟାଳୟ ଦାମୋଦରପୁର, ମଙ୍ଗଳପୁର, ଯାଜପୁର



୮



# ତରଭୁଜ

ଡଉଲ ଡାଉଲ ଚେହେରାଟି ମୋର
ନାହିଁ ତ ଜମାରୁ କୁଜ
ଖରାଦିନେ ବେଶି ପାଏ ମୁଁ ଆଦର
ନାଆଁ ମୋର ତରଭୁଜ ।
ଦୂରବନ୍ଧୁ ମୋର ପଇଡ଼ ଅଟଇ
କାକୁଡ଼ି ମୋ ସାନଭାଇ
ମଣିଷର ସେବା କରିଥାଏ ମୁହିଁ
ଆଖୁ ପାଖେ ପାଖେ ଥାଇ ।
ସଭିଙ୍କ ଠାରୁ ଅଟେ ମୁଁ ନିଆରା
ହରିଥାଏ ଭୋକ ଶୋଷ
ରକତ ପରିକା ଦିଶେ ମୋର ଦେହ
ଜଳ ଥାଏ ପୋଷ ପୋଷ ।
ମତେ ଖାଉଥିବା ଲୋକଙ୍କ
ପାଖ ମାଡ଼େ ନାହିଁ ଅଂଶୁଘାତ
ବାଲିଆ ଦୋରସା ମାଟିର ଗରଭୁ
ହୋଇଥାଏ ମୁଁ ଯେ ଜାତ ।

**– ଜୟନ୍ତ କୁମାର ମଲ୍ଲିକ୍**
ଶୂରଡିହ,ନନ୍ଦିପୁର, ଯାଜପୁର
ମୋ: ୯୪୩୭୮୬୫୭୨୭

## କ ବି ତା



# ଆମେ ସଭିଏ ଭାରତୀୟ

କେତେ ଧରମ କେତେ ଯେ ଜାତି
ଭାଷାର ସମାହାର
ଚାଲିଚଳଣି ଅଲଗା ସିନା
ଦିଶୁଛୁ କି ସୁନ୍ଦର ।
କେଡ଼େ ସରସ ବନ୍ଧନ ଆମ
ଅତୁଟ ଭାଇଚାରା
କୋଟିଏ କଣ୍ଠେ ଗାଇବା ଆସ
ଭାରତମାତା କି ଜୟ ।
ଆମ ସଂସ୍କୃତି ପାଣି ପବନ
ପୁଣ୍ୟ ପବିତ୍ର ମାଟି
ଶିଖାଏ ନିତି ମାନବିକତା
ସ୍ନେହ ମମତା ପ୍ରୀତି ।
ବେଳ ଆସିଛି ଏ ଦେଶ ପାଇଁ
କରିବା ଭଲ କାମ
ସାରା ଜଗତେ ରଖିବା ଆମେ
ଏ ଦେଶର ସୁନାମ ।

**– ଦେବରାଜ ପାଣିଗ୍ରାହୀ**
ପାଟଣାଗଡ଼, ବଲାଙ୍ଗୀର
ମୋ: ୯୭୭୭୧୩୫୧୬୯

# ଚିନ୍ତା

ଚିନ୍ତାରେ ଅଛି ଯେ ରୋହିତ
ଏବେ କରିବ କିଶ
ଟାଣ ଖରା ମାଡ଼ି ଆସିଲା
ସବୁ ଲାଗିବ ବିଷ ।
ଚାରିପଟେ ଥିଲେ ଘେରି କି
ଯେତେ ପୁରୁଣା ଗଛ,
କାଟି ନେଲେ ଲୋକେ ନ ଭାବି
କିଛି ଆଗପଛ ।
'ତରୁ' ଥିଲେ ଛାଇ ମିଳେ ଯେ
ବହେ ଶୀତଳ ବାଆ
ପଥିକ ଯେ ଥକ୍କା ମେଣ୍ଟାନ୍ତି
ବସି ଠାଆକୁ ଠାଆ ।
ପଶିଲାଣି ବୁଦ୍ଧି ମୁଣ୍ଡରେ
ଅଛି ପଡିଆ ଯେତେ,
ବରଷା ଦିନଟା ଆସିଲେ,
ଚାରା ପୋତିବ କେତେ ।

**– ବିଶ୍ୱଜିତା ମହାନ୍ତି**
ଉତ୍ତରା ଛକ, ଗୋପୀନାଥପୁର,
ଭୁବନେଶ୍ୱର
ମୋ: ୮୪୮୦୯୯୮୦୯୧

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ




# ବରଫ ଭିତରେ ୩ ଘଣ୍ଟା

ବରଫ ଭର୍ତ୍ତି ରହିଥିବା ଏକ ବାକ୍ସ ଭିତରେ ଯଦି କାହାକୁ ରଖି ଦିଆଯାଏ ତା'ହେଲେ ସେଠାରେ ମାତ୍ର କେଇ ମିନିଟ୍ ମଧ୍ୟରେ ସେ ବାହାରକୁ ଚାଲି ଆସିବେ । ମାତ୍ର ଘଣ୍ଟା ଘଣ୍ଟା ବରଫ ଭିତରେ ବୁଡି ରହି କଟେଇବା କଥା କେହି ହୁଏତ ଚିନ୍ତା କରିପାରିବେ ନାହିଁ। ଏଭଳି ଏକ ଅସମ୍ଭବ ମନେହେଉଥିବା କାମ କରି ଦେଖାଇଛନ୍ତି ପୋଲାଣ୍ଡର କାଟାର୍ଜିନା ଜାକୁବୋସ୍କା । ସମ୍ପୂର୍ଣ୍ଣଭାବେ ବରଫ ଭିତରେ ସେ ମୋଟ ୩ ଘଣ୍ଟା ୧୧ ମିନିଟ୍ ୨୭ ସେକେଣ୍ଡ ରହି ପାରିଛନ୍ତି। ଏଥିପାଇଁ ଏବେ ଗିନିଜ୍ ରେକର୍ଡରେ ତାଙ୍କୁ ସ୍ଥାନ ମିଳିଛି। କାଟାର୍ଜିନାଙ୍କ କହିବା ଅନୁସାରେ ମହିଳାଙ୍କର ସହିବା ଶକ୍ତି ବହୁତ ଅଧିକ ରହିଥାଏ । ତେଣୁ ସେମାନେ ଏଭଳି ଆଇସ୍ ଚ୍ୟାଲେଞ୍ଜରେ ଅଧିକରୁ ଅଧିକ ଭାଗ ନେବା ଦରକାର। ତେବେ ସେ ନିଜେ ଏହି ଚ୍ୟାଲେଞ୍ଜରେ ଭାଗ ନେବା ପୂର୍ବରୁ ପ୍ରଥମେ ଆବଶ୍ୟକ ସମସ୍ତ ପ୍ରକାର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ତାଙ୍କ ପୂର୍ବରୁ ଆଇସ୍ ମ୍ୟାନ୍ ୱିମ୍‌ଙ୍କ ନାମରେ ସବୁଠୁ ଅଧିକ ସମୟ ବରଫରେ ରହିବାର ରେକର୍ଡ ରହିଥିଲା, ଯିଏ କି ବରଫ ଭିତରେ ୧ ଘଣ୍ଟା ୫୩ ମିନିଟ୍ ପର୍ଯ୍ୟନ୍ତ ରହି ପାରିଥିଲେ । ତାଙ୍କର ସେହି ରେକର୍ଡକୁ ଭାଙ୍ଗି କାଟାର୍ଜିନା ଏବେ ନୂଆ ରେକର୍ଡ କରିଛନ୍ତି।

# ଏଥରର

- ପୋଲାଭରମ୍ ପ୍ରୋଜେକ୍ଟ କେଉଁ ରାଜ୍ୟରେ କରାଯାଇଛି ?
- 'ବାବା ବୁଦାନ ହିଲ୍ସ' କେଉଁ ରାଜ୍ୟରେ ଅବସ୍ଥିତ ?
- ଭାରତ ଓ ମ୍ୟାନମାର ବନ୍ଧୁତ୍ୱ ରୋଡ୍ କେଉଁ ରାଜ୍ୟ ଦେଇ ଯାଇଛି ?
- ଗୌତମ ବୁଦ୍ଧଙ୍କ ନିର୍ବାଣର ପ୍ରତୀକ କାହାକୁ କହନ୍ତି ?
- ଗାନ୍ଧିଜୀଙ୍କ ଦ୍ୱାରା ଚମ୍ପାରନ୍ ସତ୍ୟାଗ୍ରହ କେବେ ହୋଇଥିଲା ?




## ଗତଥରର

- ସୁନା
- ସିପିୟୁ
- ସିଂହ
- ତେହରୀ ଡ୍ୟାମ
- ମୁମ୍ବାଇ



## କହିଲ ଦେଖି

ଭାରି ମିଠା ମିଠା କଣ୍ଠ ସ୍ୱର ତା'ର
ଦେହ ତା ଚିକ୍କଣ କଳା,
କାଉ ବସା ଦେଖି ଅଣ୍ଡା ଦିଏ ସିଏ
ବସନ୍ତରେ କରେ ଲୀଳା,
ନାଆଁଟି ତାହାର କହିଦେବ ଯିଏ
ଖାଇବ ସେଓ କମଳା ।



ଉତ୍ତର : **କୋଇଲି**

ଶୁଆ ଥଣ୍ଟ ପରି ଦିଶଇ ସୁନ୍ଦର
ରଙ୍ଗ ତା ଅମୁଲମୁଲ
ବାସ ନାହିଁ ହେଲେ ଫଗୁଣେ ଫୁଟିଲେ
ସଭିଏଁ ପାଆନ୍ତି ଭଲ ,
ଫୁଲଟିର ନାଆଁ କହିଦେଲେ ପିଲେ
ମିଳିବ ମାଆଙ୍କ ଗେଲ ।



ଉତ୍ତର : **ପଳାଶ ଫୁଲ**

ମହ ମହ ବାସେ ମନକୁ ହରସେ
ନେଣ୍ଡା ନେଣ୍ଡା ହୋଇ ଫୁଟେ ,
ଫଳ ମଧ୍ୟେ ରାଜା ସୃଷ୍ଟିକରେ ସିଏ
ଦେଖାଯାଏ ବାଟଘାଟେ,
କହିଦେବ ନାମ ଭଲ ପିଲା ହେବ
ଖାଇବ ମିଠେଇ ଗୋଟେ ।



ଉତ୍ତର : **ଆମ୍ବ ବଉଳ**

**– ରାହାସ କୁମାର ବେହେରା**
ବାଲ୍ୟମ୍ବା, ଭାପୁର, ଢେଙ୍କାନାଳ
ମୋ: ୯୪୩୮୧୧୪୩୭୮

# ଭୟଙ୍କର ପକ୍ଷୀ



ବିଶ୍ୱରେ ଅନେକ ପ୍ରକାର ପକ୍ଷୀ ଦେଖିବାକୁ ମିଳନ୍ତି। ପକ୍ଷୀ ଦେଖିବାକୁ ସୁନ୍ଦର ଆଉ ସେମାନେ ଉଡୁଥିବାର ଦେଖିଲେ ବେଶ୍ ମଜା ଲାଗେ। କିନ୍ତୁ ଏଭଳି ଏକ ପକ୍ଷୀ ଅଛି ଯାହାକୁ 'ଭୟଙ୍କର ପକ୍ଷୀ' ନାମରେ ନାମିତ କରାଯାଇଛି। ଏହାର ଉଚ୍ଚତା ଜଣେ ମଣିଷ ସହିତ ସମାନ ହେବ। ଏହି ପକ୍ଷୀଟିର ନାମ ହେଉଛି ଶୁବିଲ୍ ଷ୍ଟାର୍କ। ଏମାନେ ସାଧାରଣତଃ ପୂର୍ବ ଆଫ୍ରିକା, ଇଥିଓପିଆ,ସୁଦାନର ଦକ୍ଷିଣ ଏବଂ ଜାମ୍ବିଆରେ ଦେଖିବାକୁ ମିଳିଥାନ୍ତି। ଏହାକୁ କେହିକେହି ସାରସ ବୋଲି ମଧ୍ୟ କହିଥାନ୍ତି। ଥଣ୍ଟ ପାଇଁ ଏମାନଙ୍କୁ ଶୁବିଲ୍ ଭାବରେ ନାମକରଣ କରାଯାଇଛି। ଉକ୍ତ ଥଣ୍ଟର ଲମ୍ବ ପ୍ରାୟ ଏକ ଫୁଟ, ଚଉଡ଼ା ପାଞ୍ଚ ଇଞ୍ଚ ହେବ। ଏହାର ମୁଣ୍ଡରେ ଏକ ହୁକ୍ ସଦୃଶ ଜିନିଷ ରହିଛି, ଯାହା ସେମାନଙ୍କୁ ଶିକାର କରିବାରେ ସାହାଯ୍ୟ କରିଥାଏ। ଏମାନେ ବେଶ୍ ଚତୁରତାର ସହ ଶିକାର କରିଥାଆନ୍ତି। ତାଙ୍କର ଏହି ଶିକାର କରିବାର କୌଶଳ କେହି ଜାଣିପାରନ୍ତି ନାହିଁ। ଏହି ପକ୍ଷୀ ପାଣି କିମ୍ବା କାଦୁଅ ଜାଗାରେ ବାସ କରିଥାନ୍ତି। ସେମାନଙ୍କ ପାଖ ଦେଇ ଯାଉଥିବା ଜୀବମାନଙ୍କୁ ସେମାନେ ଏହି ହୁକ ସାହାଯ୍ୟରେ ଟାଣି ଆଣିଥାଆନ୍ତି। ପୁଣି ଆଖି ପିଛୁଳାକେ ସେମାନେ ଶିକାରକୁ ନିଜ ଆୟତ୍ତକୁ ନେଇ ଆସନ୍ତି, ଯେଉଁଥିପାଇଁ ଏମାନଙ୍କୁ ଭୟଙ୍କର ପକ୍ଷୀର ଆଖ୍ୟା ଦିଆଯାଇଛି। ଏଭଳି ପକ୍ଷୀର ରଙ୍ଗ ନୀଳ ଏବଂ ପାଉଁଶିଆ। ଅଣ୍ଡିରା ପ୍ରଜାତିର ପକ୍ଷୀର ଓଜନ ପ୍ରାୟ ୧୨ପାଉଣ୍ଡ ହୋଇଥିବା ବେଳେ ମାଈ ଶୁବିଲ୍‌ର ଓଜନ ପ୍ରାୟ ୧୧ ପାଉଣ୍ଡ ହୋଇଥାଏ। ଏମାନେ ୩୫– ୫୦ବର୍ଷ ପର୍ଯ୍ୟନ୍ତ ଜୀବିତ ରହିପାରନ୍ତି।

# ବୁର୍ଜ ଖଲିଫା



ଦୁବାଇର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ବୁର୍ଜ ଖଲିଫା ଅନ୍ୟତମ। ଏହା ହେଉଛି ବିଶ୍ୱର ସବୁଠାରୁ ଉଚ୍ଚତମ ଅଟ୍ଟାଳିକା। ଏହାର ଉଚ୍ଚତା ୮୨୯ ମିଟର ବା ୨୭୨୨ ଫୁଟ। ଏହି ଏମ୍ପାୟର ଷ୍ଟେଟ୍ ବିଲ୍ଡିଂର ଦୁଇ ଗୁଣା ଜାଗାରେ ଅବସ୍ଥିତ। ଏହାର ୧୪୦ଟି ମହଲା ରହିଛି। ଏଥିରେ ଲଗାଯାଇଥିବା ଲିଫ୍ଟ ସେକେଣ୍ଡକୁ ୧୦ମିଟର ବେଗରେ ଚାଲିଥାଏ। ଏହି ଉଚ୍ଚତମ ବିଲ୍ଡିଂର ସମ୍ମୁଖ ଭାଗରେ ୨୬,୦୦୦ କାଚର ପ୍ୟାନେଲ ଲାଗିଛି। ଏହାର ୧୨୨ତମ ମହଲାରେ ଏକ ବିଶାଳ ରେଷ୍ଟୁରାଣ୍ଟ ରହିଛି, ଯାହା ୧,୦୩୦ ବର୍ଗମିଟର ଜାଗାରେ ନିର୍ମାଣ କରାଯାଇଛି। ଏହାର ଉପରି ଭାଗରେ ଏକ ବିଶାଳ ଖୋଲା ସ୍ଥାନ ରହିଛି, ଯେଉଁଠି ପର୍ଯ୍ୟଟକ ବୁଲାବୁଲି କରି ପ୍ରାକୃତିକ ସୌନ୍ଦର୍ଯ୍ୟର ମଜା ନେଇପାରିବେ। ଏହି ସ୍ଥାନରେ ଜଣେ ଠିଆ ହେଲେ ପ୍ରାୟ ସମଗ୍ର ଦୁବାଇ ସହର ଦୃଶ୍ୟମାନ ହୋଇଥାଏ। ପ୍ରଥମେ ଏହାକୁ 'ବୁର୍ଜ ଦୁବାଇ' ନାମରେ ନାମିତ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଦୁବାଇର ଶାସକ ଶେଖ୍ ଖଲିଫାଙ୍କ ନାମାନୁସାରେ ତାହାକୁ 'ବୁର୍ଜ ଖଲିଫା' ନାମ ଦିଆଯାଇଥିଲା। ଏହାର ଉପରିଭାଗରେ ପ୍ରାୟ ଦୁଇଟି ଫୁଟ୍‌ବଲ ପଡିଆ ଏରିଆରେ ଏକ ବିଶାଳ ଝରଣା ନିର୍ମାଣ କରାଯାଇଛି। କେବଳ ସେତିକି ନୁହେଁ, ଏହି ଝରଣାରେ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ' ଅନ୍ୟତମ ଆକର୍ଷଣ ସାଜିଥାଏ।

# ବିଶାଳ ଲାଇବ୍ରେରି

ଲାଇବ୍ରେରି ବା ପାଠାଗାର ମହତ୍ତ୍ୱ କେତେ ତାହା କହିବା ବାହୁଲ୍ୟ। ଏହା ଭିତରେ ଖବରକାଗଜ ତଥା ପାଠ୍ୟପୁସ୍ତକ ସହିତ ଗବେଷଣା ଲାଗି ପୁସ୍ତକ ଆଦି ମିଳିଥାଏ। ଶାନ୍ତ ପରିବେଶରେ ବସି କିଛି ଜ୍ଞାନ ଆହରଣ କରିବାର ଏହା ଏକ ଉତ୍ତମ ସ୍ଥାନ। ବିଶ୍ୱର ସବୁଠାରୁ ବିଶାଳ ଲାଇବ୍ରେରୀ କେଉଁଠି ଦେଖିବାକୁ ମିଳେ ପିଲାଏ ଜାଣିଛ ? ଇଂଲଣ୍ଡର ରାଜଧାନୀ ଲଣ୍ଡନରେ ଏହି ଲାଇବ୍ରେରି ରହିଛି, ଯାହାକୁ ବିଶ୍ୱର ବୃହତ୍ ଲାଇବ୍ରେରି ଭାବରେ ଗ୍ରହଣ କରାଯାଇଛି। ଏହା 'ବ୍ରିଟିଶ ଲାଇବ୍ରେରି' ଭାବରେ ପରିଚିତ। ୧୯୭୩ ଜୁଲାଇ ମାସରେ ଏହାକୁ ପ୍ରତିଷ୍ଠା କରାଯାଇଥିଲା। ଏହା ଭିତରେ ଥିବା ବହି ସଂଖ୍ୟା କେତେ ଜାଣିଛ ? ପାଖାପାଖି ୨୦ କୋଟି। ତା'ସହ ଏଠାରେ ଅନେକ ତଥ୍ୟଭିତ୍ତିକ ଡକ୍ୟୁମେଣ୍ଟ ମଧ୍ୟ ମିଳିଥାଏ। ପ୍ରଥମେ ଏହି ଲାଇବ୍ରେରି ବ୍ରିଟିଶ ମ୍ୟୁଜିୟମର ଏକ ଅଂଶ ଥିଲା। କିନ୍ତୁ ପାଠିକା-ପାଠକଙ୍କ ସୁବିଧା ପାଇଁ ଏହାକୁ ଅଲଗା କରାଯାଇଛି। ଏହି ଲାଇବ୍ରେରିକୁ କୌଣସି ବି ବ୍ୟକ୍ତି ଯାଇ ପାରିବେ।



# ବୃହତ୍ତମ ଗାର୍ଡେନ

ବିଶ୍ୱରେ ଅନେକ ପ୍ରକାର ଆଶ୍ଚର୍ଯ୍ୟଜନକ ତଥା ମନଲୋଭା ଜିନିଷ ଦେଖିବାକୁ ମିଳିଥାଏ। ପାର୍କ ହେଉ କି ଗାର୍ଡେନ – ଏଥିରେ ଅନେକ ପ୍ରକାର ଫୁଲଗଛ ଲଗାଯାଇଥାଏ। ଦୁବାଇରେ ଏଭଳି ଏକ ଗାର୍ଡେନ ରହିଛି, ଯାହା ବିଶ୍ୱବିଖ୍ୟାତ। ଏହାକୁ ବିଶ୍ୱର ସବୁଠାରୁ ବୃହତ୍ତମ ଗାର୍ଡେନର ମାନ୍ୟତା ମିଳିଛି। ଯାହା ମିରାକଲ ଗାର୍ଡେନ୍ ନାମରେ ବେଶ୍ ଜଣାଶୁଣା। ପାଖାପାଖି ୭,୨୦,୦୦୦ ବର୍ଗମିଟର ସ୍ଥାନରେ ଏହା ପରିବ୍ୟାପ୍ତ। ଏହା ଭିତରକୁ ପ୍ରବେଶ କରିବା ପରେ ଅନେକ ପ୍ରକାର ମନଲୋଭା ଫୁଲ ଦେଖିବାକୁ ପାଇବେ। ପ୍ରାୟ ୧୮ ଏକର ଏରିଆରେ କେବଳ ଫୁଲଗଛ ଲଗାଯାଇଛି। ପୁଣି ଏଠାରେ କେତେ ପ୍ରଜାତିର ଫୁଲଗଛ ଅଛି ଜାଣନ୍ତି ? ପାଖାପାଖି ୧୦,୦୦୦ ପ୍ରକାରର ଫୁଲଗଛ ଏହି ଗାର୍ଡେନରେ ଦେଖିବାକୁ ମିଳିଥାଏ। ଏଥିସହ ଫୁଲର ବିଭିନ୍ନ ଡିଜାଇନ୍‌ର ଘର ଏବଂ ତୋରଣ ଆଦି ଦେଖିବାକୁ ମିଳେ। ଏହାର ଅନ୍ୟତମ ଆକର୍ଷଣ ହେଉଛି ବଟରଫ୍ଲାଏ ବା ପ୍ରଜାପତି ଗାର୍ଡେନ। ଫୁଲରୁ ଫୁଲକୁ ଉଡିବୁଲୁଥିବା ପ୍ରଜାପତି ଏଠାକାର ମୁଖ୍ୟ ଆକର୍ଷଣ ପାଲଟିଥାଆନ୍ତି। ସେଠାରେ ପ୍ରାୟ ୧୫,୦୦୦ ପ୍ରଜାତିର ପ୍ରଜାପତି ଦେଖିବାକୁ ମିଳନ୍ତି। ଏଭଳି ମନଲୋଭା ଗାର୍ଡେନ ଦେଖିବାକୁ ଦେଶ ବିଦେଶରୁ ଅନେକପର୍ଯ୍ୟଟକଏଠାକୁଆସିଥାଆନ୍ତି।



# ଆ ଇ ନା




ବି.ଶିବାଂଶ
୯ ବର୍ଷ/ଭୁବନେଶ୍ୱର

ସାଇ ସ୍ୱସ୍ତିକ
୭ ବର୍ଷ/ ଭୁବନେଶ୍ୱର

